# NATIONAL NEWS BULLETIN (ODIA)

**31 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ବିବିଧତା ମଧ୍ୟରେ ଏକତାର ଭାବନାକୁ ଗ୍ରହଣ କରିବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

- ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀରେ  ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ସାରା ଦେଶ

- ୨୦୨୪ ବର୍ଷ ପାଇଁ ୪୬୩ ଜଣ ଯବାନଙ୍କୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷ ପଦକ ପ୍ରଦାନ

- ପାଲେଷ୍ଟାଇନ୍ ପ୍ରତି ସମର୍ଥନ ବୃଦ୍ଧି ପାଇଁ  ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ପ୍ରଦାନ କରିଛି ଭାରତ

ଏବଂ

- ଅଷ୍ଟ୍ରେଲିଆରେ ଚାଲିଥିବା କ୍ରିକେଟ୍ ମ୍ୟାଚ୍‌ରେ ଭାରତ ବିପକ୍ଷରେ ଏପର୍ଯ୍ୟନ୍ତ ୯୯ ରନ୍ ସ୍କୋର୍ କରିଛି ଅଷ୍ଟ୍ରେଲିଆ

# ପିଏମ୍-ସର୍ଦ୍ଦାର ପଟେଲ ଜୟନ୍ତୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏକତାର ଭାବନା ଉପରେ ଗୁରୁତ୍ୱାରୋପ କରିବା ସହ ଦେଶର ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଥିବା ବିଭାଜନକାରୀ ଶକ୍ତି ବିରୋଧରେ ଚେତାବନୀ ଦେଇଛନ୍ତି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଗୁଜରାଟର କେଓ୍ୱାଡିଆସ୍ଥିତ ଏକତା ନଗରରେ ରାଷ୍ଟ୍ରୀୟ ଏକତା ଦିବସ ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ୨୫ ବର୍ଷ ମଧ୍ୟରେ ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ଜାତୀୟ ଏକତାର ଭାବନା ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ତାଙ୍କ ସରକାର ନିଜର ସମସ୍ତ ନୀତି ଓ ନିଷ୍ପତ୍ତିରେ ଏକ ରାଷ୍ଟ୍ରର ଭାବନାକୁ କ୍ରମାଗତ ଭାବରେ ସୁଦୃଢ଼ କରିଚାଲିଛନ୍ତି ।

ଜାତୀୟ ଏକତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ସମ୍ମୁଖରେ ଅନେକ ଆହ୍ୱାନ ରହିଛି ଯାହା ଦେଶର ଏକତା ଏବଂ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଛି । ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ ବିବିଧତା ମଧ୍ୟରେ ଭାରତର ଏକତାର ଭାବନାକୁ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଦେଶ ନୂଆ ଇତିହାସ ରଚିବାରେ ଲାଗିଛି ଏବଂ ଭାରତ ଏକ ବିଶ୍ୱସ୍ତରୀୟ ନେତା ଭାବେ ଉଭା ହେଉଛି। ଭାରତ ଆଜି ପ୍ରଗତିଶୀଳ, ସମାବେଶୀ, ସହନଶୀଳ ଏବଂ ଅସ୍ଥିର ବିଶ୍ୱ ପରିସ୍ଥିତି ମଧ୍ୟରେ ଦ୍ରୁତ ବିକାଶ ପଥରେ ଗତି କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ଦେଶକୁ ଏକଜୁଟ କରିବା ଦିଗରେ ସର୍ଦ୍ଦାର ପଟେଲଙ୍କ ମୂଲ୍ୟବାନ ଅବଦାନକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଗାମୀ ଦୁଇ

ବର୍ଷ ମଧ୍ୟରେ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ସମଗ୍ର ଦେଶରେ ପାଳନ କରାଯିବ ।
ଆଜି ସକାଳେ ପ୍ରଧାନମନ୍ତ୍ରୀ ଏକତା ନଗରସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ଲୋକଙ୍କୁ ଏକତା ଦିବସ ଶପଥ ପାଠ କରାଇବା ସହ ଏକତା ଦିବସ ପରେଡ୍ ମଧ୍ୟ ଦେଖିଥିଲେ। ଚଳିତ ବର୍ଷ ଏକତା ଦିବସ ପରେଡରେ ୯ଟି ରାଜ୍ୟ ଓ ୧ଟି କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ, ୪ଟି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ, ଏନସିସି ଏବଂ ଏକ ମାର୍ଚ୍ଚିଂ ବ୍ୟାଣ୍ଡର ୧୬ଟି ଦଳ ସାମିଲ ହୋଇଥିଲେ। ପରେଡର ବିଶେଷ ଆକର୍ଷଣ ମଧ୍ୟରେ ଏନ.ଏସ.ଜି.ର ହେଲ୍ ମାର୍ଚ ଦଳ, ବିଏସଏଫ ଏବଂ ସିଆରପିଏଫ ମହିଳା ଏବଂ ପୁରୁଷ ବାଇକ୍ ଆରୋହୀଙ୍କ ଦ୍ୱାରା ଡେୟାରଡେଭିଲ୍ ସୋ' ଅନୁଷ୍ଠିତ ହୋଇଥିଲା। ବିଏସଏଫ ଦ୍ୱାରା ଭାରତୀୟ ମାର୍ଶାଲ ଆର୍ଟର ମିଶ୍ରଣ ଉପରେ ଏକ କାର୍ଯ୍ୟକ୍ରମ, ସ୍କୁଲ ପିଲାଙ୍କ ପାଇପ୍ ବ୍ୟାଣ୍ଡ ୍ ସୋ' ଏବଂ ଭାରତୀୟ ବାୟୁସେନା ଦ୍ୱାରା 'ସୂର୍ଯ୍ୟ କିରଣ' ଫ୍ଲାଏପାଷ୍ଟ ମଧ୍ୟ ଏହି ପରେଡର ବିଶେ ଆକର୍ଷଣ ଥିଲା।

---

## ପଟେଲଙ୍କ ଜୟନ୍ତୀ-ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ନୂଆଦିଲ୍ଲୀର ପଟେଲ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ସର୍ଦ୍ଦାର ପଟେଲ ଜଣେ ମହାନ ଦେଶପ୍ରେମୀ ଏବଂ ଜଣେ ଅଗ୍ରଣୀ ରାଷ୍ଟ୍ର ନିର୍ମାତା ଥିଲେ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ଯେ ସର୍ଦ୍ଦାର ପଟେଲଙ୍କ ଶକ୍ତିଶାଳୀ ଓ ଅଖଣ୍ଡ ଭାରତର ସ୍ୱପ୍ନ ଲୋକମାନଙ୍କୁ ସୌହାର୍ଦ୍ଦ୍ୟ, ସ୍ୱତନ୍ତ୍ରତା

ଏବଂ ଜାତୀୟ ଗୌରବ ବୃଦ୍ଧି କରିବାକୁ ପ୍ରେରଣା ଦେଇଥାଏ। ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଉପରାଷ୍ଟ୍ରପତି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକତାର ପରମ୍ପରାକୁ ବଜାୟ ରଖିବା ପାଇଁ ସଂକଳ୍ପ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ଇନ୍ଦିରା ଗାନ୍ଧୀ ଡେଥ ଆନିଭର୍ସାରୀ

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଆଜି ସାରା ଦେଶ ତାଙ୍କ ଶ୍ରାଦ୍ଧବାର୍ଷିକୀରେ ସ୍ମରଣ କରୁଛି। କଂଗ୍ରେସ ନେତା ରାହୁଲ ଗାନ୍ଧି ଏବଂ ଦଳର ଅନ୍ୟ ବରିଷ୍ଠ ନେତାମାନେ ଦିଲ୍ଲୀର ଶକ୍ତି ସ୍ଥଳରେ ଇନ୍ଦିରା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଇନ୍ଦିରା ଗାନ୍ଧୀ ସ୍ମାରକୀଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ଇନ୍ଦିରା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଖଡଗେ କହିଛନ୍ତି, ଇନ୍ଦିରା ଗାନ୍ଧୀ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ଏବଂ ଏକ ଶକ୍ତିଶାଳୀ ଓ ପ୍ରଗତିଶୀଳ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ଦୀପାବଳି ଶୁଭେଚ୍ଛା

ଦୀପାବଳି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ସମସ୍ତ ନାଗରିକଙ୍କ ସୁସ୍ଥ, ସୁଖୀ ଏବଂ ସମୃଦ୍ଧ ଜୀବନ କାମନା କରିଛନ୍ତି ।

ମା' ଲକ୍ଷ୍ମୀ ଏବଂ ଭଗବାନ ଶ୍ରୀଗଣେଶଙ୍କ ଆଶୀର୍ବାଦରେ ସମସ୍ତେ ସମୃଦ୍ଧ ହୁଅନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

## ପିଏମ୍-ରାୟଗଡ ଫର୍ଟ

ରାୟଗଡ଼ ଦୁର୍ଗକୁ ଛତ୍ରପତି ଶିବାଜୀ ମହାରାଜଙ୍କ ଉଲ୍ଲେଖନୀୟ ଐତିହ୍ୟ, ରଣନୈତିକ ପ୍ରତିଭା ଏବଂ ନେତୃତ୍ୱ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିବା ସହ ଏହାକୁ  ପ୍ରଶଂସା କରିଛନ୍ତି। ଆଜି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ରାୟପୁର ଛତ୍ରପତି ଶିବାଜୀ ମହାରାଜଙ୍କ ମହାନତା ଏବଂ ସାହସିକତାର ଏହା ହେଉଛି ପ୍ରକୃଷ୍ଟ ଉଦାହରଣ।

ଚଳିତ ବର୍ଷର ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମର ବିଷୟବସ୍ତୁ ଭାବେ ରାୟଗଡକୁ ଚୟନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି।

## ଗୃହମନ୍ତ୍ରୀ ଆୱାର୍ଡ

୨୦୨୪ ବର୍ଷ ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ପୋଲିସ ସଂଗଠନର ୪୬୩ ଜଣ ଯବାନଙ୍କୁ **କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷ ପଦକ** ପ୍ରଦାନ କରାଯାଇଛି । ଉତ୍କୃଷ୍ଟ କାର୍ଯ୍ୟକୁ ସ୍ୱୀକୃତି ଦେବା, ଉଚ୍ଚ ବୃତ୍ତିଗତ ମାନକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱତନ୍ତ୍ର ଅଭିଯାନ୍, ତଦନ୍ତ, ବୁଦ୍ଧିମତ୍ତା ଏବଂ ଫରେନସିକ୍ ବିଜ୍ଞାନ କ୍ଷେତ୍ରରେ ଅଧିକାରୀଙ୍କ ମନୋବଳ ବୃଦ୍ଧି କରିବା ଲାଗି ଏହି ପଦକ ପ୍ରଦାନ କରାଯାଇଛି।

ଚଳିତ ବର୍ଷ ଫେବ୍ରୁଆରି ପହିଲାରେ ଗୃହ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷପଦକ ପ୍ରଦାନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଏହି ପଦକ ଘୋଷଣା କରାଯିବ ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ସ୍ୱତନ୍ତ୍ର ଅଭିଯାନରେ ଉତ୍କର୍ଷତା, ଅସାଧାରଣ ପ୍ରଦର୍ଶନ, ଅଦମ୍ୟ ଏବଂ ସାହସିକ ଗୁଇନ୍ଦା ସେବା ପାଇଁ ପୁଲିସ ବାହିନୀ, ସୁରକ୍ଷା ସଂଗଠନ, ଗୁଇନ୍ଦା ବିଭାଗ, ଜାତୀୟ ସୁରକ୍ଷା ଗାର୍ଡ଼ର ସଦସ୍ୟମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ।

## ୟୁଏନ୍‌ଏସି ଇଣ୍ଡିଆ ପାଲେଷ୍ଟାଇନ୍

ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପାର୍ବତନେନୀ ହରିଶ ପାଲେଷ୍ଟାଇନ୍ ପ୍ରତି ସମର୍ଥନ ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନ୍ୟୁୟର୍କରେ ମଧ୍ୟପ୍ରାଚ୍ୟ ଉପରେ ଜାତିସଂଘ ନିରାପତ୍ତା ପରିଷଦର ବୈଠକରେ ସେ ଏହା କହିଛନ୍ତି। ଭାରତର ଏକତା ଉପରେ ଆଲୋଚନା କରି ଶ୍ରୀ ହରିଶ କହିଛନ୍ତି, ପାଲେଷ୍ଟାଇନ ପାଇଁ ଭାରତର ବର୍ତ୍ତମାନର ବିକାଶ ସହାୟତା ୧୨୦ ନିୟୁତ ଆମେରିକୀୟ ଡଲାର ରହିଛି। ଯେଉଁଥିରେ ମିଳିତ ଜାତିସଂଘର ରିଲିଫ୍ ଆଣ୍ଡ ୱାର୍କସ ଏଜେନ୍ସି ଫର ପାଲେଷ୍ଟାଇନ୍ ରିଫ୍ୟୁଜିଙ୍କୁ ୩୭ ନିୟୁତ ଆମେରିକୀୟ ଡଲାର ସହାୟତା ଦିଆଯାଇଛି। ଭାରତ ମଧ୍ୟ ଜାତିସଂଘ ରିଲିଫ ସହାୟତା ଅନୁଷ୍ଠାନକୁ ୬ ଟନ୍ ଔଷଧ ଏବଂ ଚିକିତ୍ସା ସାମଗ୍ରୀ ପଠାଇଛି ଓ ତାହା ଚଳିତମାସ ୨୨ ତାରିଖରେ ପହଞ୍ଚିସାରିଛି।

ଶ୍ରୀ ହରିଶ ତାଙ୍କ ଅଭିଭାଷଣରେ ଗତବର୍ଷ ଅକ୍ଟୋବର ୭ ତାରିଖରେ ଇସ୍ରାଏଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛନ୍ତି । ତୁରନ୍ତ ଅସ୍ତ୍ରବିରତି ଏବଂ ସମସ୍ତ ବନ୍ଧକଙ୍କୁ ମୁକ୍ତ କରିବା ପାଇଁ ସେ ଆହ୍ୱାନ ଦେବା ସହ ଦୁଇ ରାଷ୍ଟ୍ରୀୟ ସମାଧାନ ପାଇଁ ଭାରତର ସମର୍ଥନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେହି ଅଞ୍ଚଳରେ ସ୍ଥିରତା ବୃଦ୍ଧି ପାଇଁ ଭାରତର ଭୂମିକାଉପରେ ଗୁରୁତ୍ୱାରୋପ କରି ଶାନ୍ତି ପାଇଁ ଏକଜୁଟ ହେବାକୁ ସେ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି ।

## ୟୁଏମ୍ ଆର୍ଥକ୍ୱେକ୍

ଆମେରିକାର ଓରେଗନ୍ ରାଜ୍ୟର ବାନ୍ଦନଠାରୁ ଦୁଇ ଶହ ଅଣାଅଶୀ କିଲୋମିଟର ପଶ୍ଚିମରେ ଗତକାଲି ରାତିରେ ୬ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଛି । ୧୦ କିଲୋମିଟର ଗଭୀରତାରେ ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଥିବା ଆମେରିକାର ଜିଓଲୋଜିକାଲ ସର୍ଭେ ସଂସ୍ଥା କହିଛି । ତେବେ ଏ ନେଇ କୌଣସି ସୁନାମୀ ସତର୍କ କିମ୍ବା ପରାମର୍ଶବଳୀ ଜାରି କରାଯାଇନାହିଁ ।

---

## ରେଲ୍‌ୱେ ସ୍ପେଶାଲ ଟ୍ରେନ

ପର୍ବପର୍ବାଣୀ ସମୟରେ ଭିଡ ଦୃଷ୍ଟିରୁ ରେଳ ଯାତ୍ରୀଙ୍କ ସୁବିଧା ନିମନ୍ତେ ଭାରତୀୟ ରେଳବାଇ ପକ୍ଷରୁ ସାରା ଦେଶରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ଯାତ୍ରୀଙ୍କ ଯାତାୟାତ ପାଇଁ ରେଳବାଇ ପାର୍ବଣ ଋତୁରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥାଏ । ପୂର୍ବ ବର୍ଷ ତୁଳନାରେ ଚଳିତବର୍ଷ ୨ ହଜାର ୮୦୦ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି ।  ଗତବର୍ଷ ପାର୍ବଣ ଋତୁରେ ପାଖାପାଖି ୪ ହଜାର ୫୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥିଲା ।

ଦିଲ୍ଲୀ ଡିଭିଜନାଲ ରେଲୱେ ମ୍ୟାନେଜର ସୁଖବିନ୍ଦର ସିଂ ଆକାଶବାଣୀ ସମ୍ବାଦକୁ କହିଛନ୍ତି, ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କ ପାଇଁ ଟ୍ରେନରେ ଅଣସଂରକ୍ଷିତ କୋଚ୍ ସଂଖ୍ୟା ବୃଦ୍ଧି କରାଯାଇଛି। ଗତବର୍ଷ ତୁଳନାରେ ଏଥର ଅତିରିକ୍ତ ୧୨୩ଟି ନିୟମିତ ଟ୍ରେନ୍ ଚଳାଚଳ କରୁଛି ବୋଲି ସେ ସୂଚନା ଦେଇଛନ୍ତି।

## ତାୱାଙ୍ଗ-ରାଜନାଥ ସିଂ

ପ୍ରକୃତ ନିୟନ୍ତ୍ରଣ ରେଖାର କିଛି ଅଞ୍ଚଳରେ ମତଭେଦ ଦୂର କରିବା ପାଇଁ ଭାରତ ଓ ଚୀନ ଉଭୟ କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା କରୁଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଆଲୋଚନା ଫଳରେ ସମାନ ଓ ପାରସ୍ପରିକ ନିରାପତ୍ତା ଆଧାରରେ ବ୍ୟାପକ ସହମତି ସୃଷ୍ଟି ହୋଇଥିଲା। ଆଜି ତୱାଙ୍ଗଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ମେଜର ରାଲେଙ୍ଗାଓ 'ବବ୍' ଖାଥିଙ୍ଗଙ୍କ ପ୍ରତିମୂର୍ତ୍ତିକୁ ଭର୍ଚୁଆଲ ଭାବେ ଉଦଘାଟନ କରିବା ପରେ ସେ ଏହା କହିଛନ୍ତି। ଶ୍ରୀ ସିଂ କହିଛନ୍ତି, ତୱାଙ୍ଗରେ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ଲୋକମାନଙ୍କୁ ଏକତାରେ ଶକ୍ତି ଏବଂ ଭାରତ ଭଳି ଏକ ବିବିଧ ରାଷ୍ଟ୍ର ଗଠନ ପାଇଁ ଆବଶ୍ୟକ ଅତୁଟ ଭାବନା ବିଷୟରେ ମନେ ପକାଇଦେବ । ଶ୍ରୀ ସିଂହ କହିଛନ୍ତି, ଉତ୍ତର-ପୂର୍ବାଞ୍ଚଳ ସମୃଦ୍ଧ ହେଲେ ହିଁ ଦେଶର ସାମଗ୍ରିକ ବିକାଶ ସମ୍ଭବ। ସରକାର ଏଭଳି ଏକ ଉତ୍ତର-ପୂର୍ବ ସୃଷ୍ଟି କରିବେ ଯାହା କେବଳ ପ୍ରାକୃତିକ ଓ ସାଂସ୍କୃତିକ ନୁହେଁ ବରଂ ଅର୍ଥନୈତିକ ଦୃଷ୍ଟିରୁ ମଧ୍ୟ ଶକ୍ତିଶାଳୀ ଓ ସମୃଦ୍ଧ ହେବ।

ସେ କହିଛନ୍ତି, ସଶସ୍ତ୍ର ବାହିନୀ କେବଳ ସୁରକ୍ଷା ପ୍ରଦାନ କରେ ନାହିଁ, ବରଂ ସୀମାନ୍ତ ଅଂଚଳର ଲୋକଙ୍କୁ ସହଯୋଗ କରି ଏହି ଅଞ୍ଚଳର ବିକାଶର ମାଧ୍ୟମ ପାଲଟିଥାଏ । ଏହା ଉତ୍ତର-ପୂର୍ବାଞ୍ଚଳରେ ବିକାଶ, ଶାନ୍ତି

ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଛନ୍ତି।

ଆସାମର ତେଜପୁରସ୍ଥିତ ଚତୁର୍ଥ କୋର ମୁଖ୍ୟାଳୟରୁ ପ୍ରତିରକ୍ଷା ମନ୍ତ୍ରୀ ଏହା ଉଦ୍‌ଘାଟନ କରିଛନ୍ତି। ସେ ତୱାଙ୍ଗ ଯିବାର ଥିଲା, କିନ୍ତୁ ଖରାପ ପାଗ ଯୋଗୁଁ ଯାଇ ପାରିନଥିଲେ। ଏହି ଅବସରରେ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ କେଟି ପରନାୟକ, ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ, କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବିରେନ ସିଂହ, ମେଜର ବବ୍ ଖଥିଙ୍ଗଙ୍କ ପରିବାର ଓ ଅନ୍ୟମାନେ ଉଦ୍ ଘାଟନ ସ୍ଥଳରେ ଉପସ୍ଥିତ ଥିଲେ।

# କ୍ରିକେଟ୍

ଅଷ୍ଟ୍ରେଲିଆର ମାକେସ୍ଥିତ ଗ୍ରେଟ୍ ବ୍ୟାରିୟର ରିଫ୍ ଏରେନାରେ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଅନୌପଚାରିକ ଟେଷ୍ଟ ୍ ମ୍ୟାଚ୍ ଚାଲିଛି। ଆୟୋଜକ ଅଷ୍ଟ୍ରେଲିଆ-ଏ ଦଳ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୩୯ ଓଭରରେ ୪ ୱିକେଟ୍ ହରାଇ ୯୯ ରନ୍ କରିଛି।

ପୂର୍ବରୁ ଭାରତ-ଏ ପ୍ରଥମେ ବ୍ୟାଟିଂ କରି ମାତ୍ର ୧୦୭ ରନ୍ ରେ ଅଲ୍ ଆଉଟ୍ ହୋଇଯାଇଥିଲା।

ମାକେ ଓ ମେଲବର୍ଣ୍ଣରେ ଅଷ୍ଟ୍ରେଲିଆ-ଏ ବିପକ୍ଷରେ ଦୁଇଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିବାକୁ ଭାରତ-ଏ ଅଷ୍ଟ୍ରେଲିଆ ଗସ୍ତରେ ରହିଛି। ଏହାପରେ ପର୍ଥରେ ବରିଷ୍ଠ ଭାରତୀୟ ପୁରୁଷ ଦଳ ବିପକ୍ଷରେ ତିନି ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳାଯିବ। ଋତୁରାଜ ଗାଇକୱାଡ ଭାରତ-ଏ ଦଳର ନେତୃତ୍ୱ ନେଉଛନ୍ତି।

# ୱାର୍ଲ୍ଡ ରେସଲିଂ ଚାମ୍ପିଅନ୍‌ସିପ୍

ଆଲବେନିଆର ତିରାନାଠାରେ ଚାଲିଥିବା ବରିଷ୍ଠ ବିଶ୍ୱ ଚାମ୍ପିୟନସିପରେ ମହିଳା ୫୯ କେଲୋଗ୍ରାମ ବର୍ଗରେ ଭାରତର ମାନସୀ ଅହଲାୱାତ କାଂସ୍ୟ ପଦକ ଜିତିଛନ୍ତି। ଗତକାଲି ରାତିରେ କାଂସ୍ୟ ପଦକ ମୁକାବିଲାରେ ମାନସୀ ୫-୦ ଗୋଲରେ କାନାଡାର ଲରେନ୍ସ ବିଉରେଗାର୍ଡଙ୍କୁ ପରାସ୍ତ କରିଥିଲେ। ଜାପାନର ରିସାକୋ କିଞ୍ଜୋ ସ୍ୱର୍ଣ୍ଣ ପଦକ, ମଙ୍ଗୋଲିଆର ସେରେନଚିମେଡ ସୁଖ୍ ରୌପ୍ୟ ପଦକ ଜିତିଥିବା ବେଳେ ଜର୍ମାନୀର ଏଲିନା ହେକେ ବ୍ରୁଗର ମାନସୀଙ୍କ ସହ ମିଳିତଭାବେ ବ୍ରୋଞ୍ଜ ପଦକ ଜିତିଛନ୍ତି ।

ପୁରୁଷ ଫ୍ରିଷ୍ଟାଇଲ ୯୨ କିଲୋଗ୍ରାମ୍ ବର୍ଗରେ ଭାରତର ସନ୍ଦୀପ ଏସ୍ ମାନ୍ ଆଜି ରାତିରେ ରେପେଚେଜ୍ ରାଉଣ୍ଡରେ ସ୍ଲୋଭାକିଆର ବାତିରବେକ୍ ସାକୁଲୋଭଙ୍କୁ ଭେଟିବେ। ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୯ଟାରୁ ଆରମ୍ଭ ହେବ।

ପୂର୍ବରୁ ମହିଳା ୬୫ କିଲୋଗ୍ରାମ୍ ବର୍ଗରେ ଭାରତର ମନୀଷା ଭାନୱାଲା ଗତକାଲି ରେପେଚେଜ୍ ରାଉଣ୍ଡରୁ ବଞ୍ଚିତ ହୋଇଥିଲେ। ଅନ୍ୟପକ୍ଷରେ, ସାଥୀ କୁସ୍ତିଯୋଦ୍ଧା ବିପାଶା ୭୨ କିଲୋଗ୍ରାମ୍ ଯୋଗ୍ୟତା ପର୍ଯ୍ୟାୟରେ ୟୁକ୍ରେନର ଆନାସ୍ତାସିଆ ଆଲପିଏଭାଙ୍କ ଠାରୁ ପରାସ୍ତ ହୋଇଥିଲେ।